**ତହସିଲଦାରଙ୍କ କାର୍ଯ୍ୟାଳୟ ଦିଗପହଣ୍ଡି(ଗଞ୍ଜାମ)**

ବିଜ୍ଞପ୍ତି ସଂଖ୍ୟା ୬୫୦୬ ସୈରାତ/ତା 17-11-2022

## ନିଲାମ ବିଜ୍ଞାପନ

ଏତଦ୍ଵାରା ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଦିଗପହଣ୍ଡି ତହସିଲ ଇଲାକାରେ ଥିବା ୪ ଗୋଟି ସଇରାତ ଉତ୍ସ (ନିମ୍ନ ପ୍ରଦତ୍ତ ବିବିରଣୀ ) ଗୁଡ଼ିକର ଆଗାମୀ ପାଞ୍ଚବର୍ଷ ନିମନ୍ତେ (ଦୀର୍ଘ ମିଆଦି) ଲିଜ ପାଇଁ ଜଉମୁଦ ଦିଆ ଟେଣ୍ଡର ମାଧ୍ୟମରେ ସର୍ବସାଧାରଣରେ ନିଲାମ କରାଯିବ । ସୈରାତ ସମ୍ବନ୍ଧୀୟ ତଥ୍ୟ ଆବେଦନର ବିବରଣୀ ଓ ନିୟମାବଳୀ ଗଞ୍ଜାମ ଜିଲ୍ଲା ୱେବ୍ ସାଇଟ୍ www.ganjam.nic.in ରେ ଉପଲବ୍ଧ ଅଛି । ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି ଦିଗପହଣ୍ଡି ତହସିଲଦାରଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି ।

ଦରଖାସ୍ତ ରେଜିଷ୍ଟ୍ରି/ ସ୍ପିଡ୍ ପୋଷ୍ଟ ଜରିଆରେ କିମ୍ବା ତହସିଲଦାର ଦିଗପହଣ୍ଡି କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ପକାଇପାରିବେ । ଦରଖାସ୍ତ ଗ୍ରହଣ ତାରିଖ ଆସନ୍ତା ତା 18.11.2022 ରିଖ ଠାରୁ 17.12.2022 ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି । ଧାର୍ଯ୍ୟ ସମୟ ଗତେ ଦରଖାସ୍ତ ଗ୍ରହଣୀୟ ହେବନାହିଁ ।

ତହସିଲଦାରଙ୍କ ଦ୍ଵାରା ସୈରାତ ଉତ୍ସର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ପ୍ରଥମ ଧାର୍ଯ୍ୟ ତା. 19.12.2022 ରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଚୁଡ଼ାନ୍ତ କରାଯିବ । କୌସଣି କାରଣରୁ ନିଲାମ ନ ହୋଇ ପାରିଲେ ଦ୍ଵିତୀୟ ତା 27.12.2022 ରିଖ ଏବଂ ଦ୍ଵିତୀୟ ତାରିଖ ନହୋଇ ପାରିଲେ ତୃତୀୟ ତା 03.01.2023 ରେ ନିଲାମ କରାଯିବ । କୌଣସି କାରଣ ନ ଦର୍ଶାଇ ନିଲାମକୁ ରଦ୍ଦ କରିବାର କ୍ଷମତା ନିମ୍ନସାକ୍ଷରକାରୀ ଏବଂ ଜିଲ୍ଲାପାଳ,ଗଞ୍ଜାମଙ୍କର କ୍ଷମତା ପରିସର ଭୁକ୍ତ ଅଟେ ।

**ଉତ୍ସର ବିବରଣୀ**

| କ୍ରମିକ ନଂ | ସୈରାତ ଉତ୍ସର ନାମ | ମୌଜା | ଖାତା | ପ୍ଲଟ | ରକବା ହେକ୍ଟର | କିସମ | ଧାର୍ଯ୍ୟ ରୟାଲିଟିର ମୂଲ୍ୟ ( ପ୍ରତିଘନ ମି.) (ଟଙ୍କାରେ) | ଅତିରିକ୍ତ ଦେୟ ( ପ୍ରତିଘନ ମି.) (ଟଙ୍କାରେ) | ମୋଟ ଦେୟ ( ପ୍ରତିଘନ ମି.) (ଟଙ୍କାରେ) | M.G.Q ଅନୁସାରେ ବାର୍ଷିକ ସୈରାତର ପରିମାଣ | ବ୍ୟାଙ୍କ କିମ୍ବା ଆଇଟିଆର ପ୍ରମାଣପତ୍ର ପରିମାଣ (ଟଙ୍କାରେ) | 5 % ଅମାନତ ରାଶି ବାବଦକୁ ଦେୟ (ଟଙ୍କାରେ) | ବର୍ତ୍ତମାନ ଲିଜ ଅବଧି ଶେଷ ତାରିଖ |
|---|---|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 | 14 |
| ୧ | ଗଡ଼ଗୋବିନ୍ଦପୁର ପଥର | ଗଡ଼ଗୋବିନ୍ଦପୁର | ୧୦୧୧ | ୪୪୮ | ୨.୪୬୨୦ | ପର୍ବତ | ୧୩୦ | ୧୦୦ | ୨୩୦ | ୪୦୫୦ | (Minimum Guaranteed Quantity) x(Royalty + Additional Charges offered by participant) | ୪୨୯୬୦ | |
| ୨ | ଢକାଡେନ୍ଥୁଲି ପଥର | ଜଗନ୍ନାଥପୁର | ୧୮୯ | ୧/୧୩୯୯ | ୧୦.୩୪୮୩ | ପର୍ବତ | ୧୩୦ | ୧୦୦ | ୨୩୦ | ୧୦୦୦୦ | | ୧୧୫୦୦୦ | |
| ୩ | ଜକତ ପଥର | ଜକତ | ୯୪୪ | ୨୩୦ ଓ ୨୩୪ | ୨.୮୮୪୪ | ପର୍ବତ | ୧୩୦ | ୧୦୦ | ୨୩୦ | ୨୦୦୦ | | ୨୩୦୦୦ | ୭.୬.୨୩ |
| ୪ | ବଡ଼ଗୁମ୍ଫା ବାଲି | ବଡ଼ଗୁମ୍ଫା | ୨୦୪ | ୬୯୦ ଓ ୬୯୪ | ୧୧.୨୨୯୦ | ନଦୀ | ୩୪ | ୦୨୮ | ୦୬୩ | ୩୦୦୦୦ | | ୬୯୦୪୦୦ | |
| ୫ | ଫାସିଗୁଡ଼ା ବାଲି | ଫାସିଗୁଡ଼ା | ୪୮୦ | ୦୬୯୪ | ୪.୯୯୬୦ | ନଦୀ | ୩୪ | ୨୦୦ | ୨୩୪ | ୨୦୦୦୦ | | ୨୩୪୦୦୦ | ୨.୧୨.୨୩ |
| ୬ | ଗୌଡ଼ଗାଁ ବାଲି | ଗୌଡ଼ଗାଁ | ୮୦୦ | ୧୮୦୮ ,୧୯୦୮ ଓ ୧୯୧୬ | ୬.୩୪୪୬ | ନଦୀ | ୩୪ | ୨୦୦ | ୨୩୪ | ୨୦୦୦୦ | | ୨୩୪୦୦୦ | ୨.୧୨.୨୩ |
| ୭ | ତେଣ୍ଟୁଆପଡ଼ା-B ବାଲି | ତେଣ୍ଟୁଆପଡ଼ା | ୩୨୦ | ୨୦୮୦ | ୪.୯୮୧୬ | ନଦୀ | ୩୪ | ୨୦୦ | ୨୩୪ | ୧୪୦୦୦ | | ୧୬୬୨୪୦ | ୧୬.୬.୨୩ |
| ୮ | ଚୌଧୁରୀ ଟିକରପଡ଼ା ବାଲି | ଚୌଧୁରୀ ଟିକରପଡ଼ା | ୪୮୬ | ୩୧୦୯ | ୩.୨୮୮୧ | ନଦୀ | ୩୪ | ୨୦୦ | ୨୩୪ | ୧୩୦୦୦ | | ୧୪୨୨୪୦ | ୩୧.୩.୨୩ |

Sathu 17.11.22

ତହସିଲଦାର,ଦିଗପହଣ୍ଡି

# ତହସିଲଦାରଙ୍କ କାର୍ଯ୍ୟାଳୟ ଦିଗପହଣ୍ଡି(ଗଞ୍ଜାମ)

ବିଜ୍ଞପ୍ତି ସଂଖ୍ୟା [illegible]                ସୈରାତ/ତା ୧୭.୧୧-୨୦୨୨

## ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତ ବିଜ୍ଞାପନ

ଓଡ଼ିଶା ଲଘୁଖଣିଜ ଦ୍ରବ୍ୟ ରିହାତି ନିୟମ -2004 ଓ ଓଡ଼ିଶା ଲଘୁଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମ 2014,2016 ଓ 2022 ଆନୁଯାୟୀ ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି ଯେ ଓଡ଼ିଶା ସରକାରଙ୍କ ରାଜସ୍ବ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଦିଗପହଣ୍ଡି ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ଲଘୁ ଖଣିଜ ଉତ୍ସ ଗୁଡ଼ିକୁ ଆସନ୍ତା ପାଞ୍ଚ ବର୍ଷ ନିମନ୍ତେ ଦୀର୍ଘ ମିଆଦି ଲିଜ ସୁତ୍ରେ ନେବାପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆବାହନ କରାଯାଉ ଅଛି ।

### ଉତ୍ସର ବିବରଣୀ

| କ୍ରମିକ ନଂ | ସୈରାତ ଉତ୍ସର ନାମ | ମୌଜା | ଖାତା | ପ୍ଲଟ | ରକବା ହେକ୍ଟର | କିସମ | ଧାର୍ଯ୍ୟ ରୟାଲିଟିର ମୂଲ୍ୟ ( ପ୍ରତିଘନ ମି.) (ଟଙ୍କାରେ) | ଅତିରିକ୍ତ ଦେୟ ( ପ୍ରତିଘନ ମି.) (ଟଙ୍କାରେ) | ମୋଟ ଦେୟ ( ପ୍ରତିଘନ ମି.) (ଟଙ୍କାରେ) | M.G.Q ଅନୁସାରେ ବାର୍ଷିକ ସୈରାତର ପରିମାଣ | ବ୍ୟାଙ୍କ କିମ୍ବା ଆଇଟିଆର ପ୍ରମାଣ ପତ୍ର ପରିମାଣ (ଟଙ୍କାରେ) | 5 % ଅମାନତ ରାଶି ବାବଦକୁ ଦେୟ (ଟଙ୍କାରେ) | ବର୍ତ୍ତମାନ ଲିଜ ଅବଧି ଶେଷ ତାରିଖ |
|---|---|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 | 14 |
| ୧ | ଗଡ଼ଗୋବିନ୍ଦପୁର ପଥର | ଗଡ଼ଗୋବିନ୍ଦପୁର | ୧୦୧୧ | ୫୫୮ | ୨·୫୬୭୦ | ପର୍ବତ | ୧୩୦ | ୧୦୦ | ୨୩୦ | ୫୦୪୦ | (Minimum Guaranteed Quantity) x(Royalty + Additional Charges offered by participant) | ୫୭୯୬୦ | |
| ୨ | ଢ଼କାତେନ୍ତୁଳି ପଥର | ଜଗନ୍ନାଥପୁର | ୧୮୯ | ୧/୧୩୯୯ | ୧୦·୩୫୮୩ | ପର୍ବତ | ୧୩୦ | ୧୦୦ | ୨୩୦ | ୧୦୦୦୦ | | ୧୧୫୦୦୦ | |
| ୩ | ଜକର ପଥର | ଜକର | ୯୫୫ | ୭୩୪ ଓ ୭୩୫ | ୨·୮୮୫୫ | ପର୍ବତ | ୧୩୦ | ୧୦୦ | ୨୩୦ | ୨୦୦୦ | | ୨୩୦୦୦ | ୭·୬·୨୩ |
| ୪ | ବଜ୍ରଗୁମ୍ଫା ବାଲି | ବଜ୍ରଗୁମ୍ଫା | ୨୦୫ | ୬୯୪ ଓ ୬୯୫ | ୧୧·୨୨୯୦ | ନଦୀ | ୩୫ | ୪୨୮ | ୪୬୩ | ୩୦୦୦୦ | | ୬୯୪୫୦୦ | |
| ୫ | ଫାସିଗୁଡ଼ା ବାଲି | ଫାସିଗୁଡ଼ା | ୫୮୪ | ୪୨୧୫ | ୫·୧୯୭୦ | ନଦୀ | ୩୫ | ୨୦୦ | ୨୩୫ | ୨୦୦୦୦ | | ୨୩୫୦୦୦ | ୨·୧୨·୨୩ |
| ୬ | ଗୌଡଗାଁ ବାଲି | ଗୌଡଗାଁ | ୮୪୪ | ୧୮୪୮ ,୧୯୦୮ ଓ ୧୯୦୬ | ୬·୩୫୫୬ | ନଦୀ | ୩୫ | ୨୦୦ | ୨୩୫ | ୨୦୦୦୦ | | ୨୩୫୦୦୦ | ୨·୧୧·୨୩ |
| ୭ | ତେଣୁଆପଦା-B ବାଲି | ତେଣୁଆପଦା | ୩୨୪ | ୨୦୮୪ | ୫·୯୮୧୬ | ନଦୀ | ୩୫ | ୨୦୦ | ୨୩୫ | ୧୫୦୦୦ | | ୧୭୬୨୫୦ | ୧୬·୬·୨୩ |
| ୮ | ଚୌଧୁରୀ ଟିକରପଡ଼ା ବାଲି | ଚୌଧୁରୀ ଟିକରପଡ଼ା | ୫୮୭ | ୩୧୦୯ | ୩·୭୮୮୧ | ନଦୀ | ୩୫ | ୨୦୦ | ୨୩୫ | ୧୩୦୦୦ | | ୧୫୨୭୫୦ | ୩୧·୩·୨୩ |

Satna
17.11.22

ଲିଜରେ ଅଂଶ ଗ୍ରହଣ ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ଉସ୍ ଗୁଡ଼ିକୁ ପରିଦର୍ଶନ କରି ଏହାର ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସଂମ୍ପର୍କରେ ପର୍ଯ୍ୟବେକ୍ଷଣ କରିବା ପରେ ଆବେଦନ କରିବା ବାଞ୍ଛନୀୟ । ଲିଜ ନେବା ପରେ ସୈରାତ ଚଳାଇବା ସଂମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ । ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଇଚ୍ଛୁକ ବ୍ୟକ୍ତି ବିଶେଷ OMMC-rule -2016 ଏବଂ ଏହାର Amendments Rule ମୁତାବକ ନିମ୍ନ ଲିଖିତ ଆବଶ୍ୟକୀୟ କାଗଜାତ ଜଉମୁଦ ଲଫାପାରେ ଆବେଦନ କରିବେ।

1. OMMC-Rule-2016 ଅନ୍ତର୍ଗତ ନିର୍ଭୁଲ ଭାବରେ ପୂରଣ ହୋଇଥିବା ଏବଂ ଦରଖାସ୍ତ କାରୀଙ୍କ ଦ୍ୱାରା ଦସ୍ତଖସ୍ତ କରାଯାଇଥିବା 3 କିତା Form M (3 Copies) ଦାଖଲ କରିବେ ।

2. ଦରଖାସ୍ତ ଫି ବାବଦକୁ ଟ. 1000 ( ଏକ ହଜାର ଟଙ୍କା) ର ଟ୍ରେଜରୀ ଚାଲାଣ (Head of Account-0853-Non Ferrous Mining & Meteorological Industries-102-Mineral Concession Fees Rent and Royalties ) ଦାଖଲ କରିବେ । ଏବଂ ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

3. ଉସ୍ର ନାମ ତଫସିଲ ଏବଂ ସରହଦ ବିବରଣୀ ସଂଲଗ୍ନ କରିବା ହେବେ ।

4. ଦରଖାସ୍ତ କାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ଏବଂ ରାଜସ୍ୱ ବକେୟା ନ ଥିବା ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିବେ।

5. ଦରଖାସ୍ତକାରୀ ପୂର୍ବ ଆର୍ଥିକ ବର୍ଷର ITR ( Income Tex Return ) ଯାହାର ବାର୍ଷିକ ଆଦାୟ ସୈରାତ ଉସ୍ର ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ( Minimum Guaranteed Quantity) x(Royalty + Offered Additional Charges by participant) ହେବା ଆବଶ୍ୟକ । କିମ୍ବା ସେହି ମୂଲ୍ୟର 18 ମାସ ଆବଧି ଥିବା Bank Guaranty ଦାଖଲ କରିବେ । ଉପରୋକ୍ତ ଉସ୍ କ୍ରମାନୁସାରେ ସୈରାତ ଉସ୍ ଗୁଡ଼ିକୁ ନିଲାମକୁ ନିଆଯିବ । ଦରଖାସ୍ତକାରୀ ଆବେଦନ କରିଥିବା ନିଲାମ ମୂଲ୍ୟ ଅନୁଯାୟୀ ଉପରୋକ୍ତ ହିସାବ ଅନୁସାରେ ITR(Assessment Year 2022-23 ) କିମ୍ବା Bank Guaranty ମୂଲ୍ୟକୁ ଗ୍ରହଣ କରାଯିବ । ଯଦି ଦରଖାସ୍ତ କାରୀ ଏକାଧିକ ସୈରାତ ଉସ୍ ନିମନ୍ତେ ଆବେଦନ କରିଥାନ୍ତି ଉପରୋକ୍ତ ଉସ୍ କ୍ରମାଅନୁଯାୟୀ ITR କିମ୍ବା Bank Guaranty ମୂଲ୍ୟକୁ ଗ୍ରହଣ କରାଯିବ ।

6.ଦରଖାସ୍ତକାରୀ ଆବେଦନ କରୁଥିବା ଉସ୍ର EMD ( Earnest Money Deposit) ବ୍ୟାଙ୍କ ଡ୍ରାଫ୍ଟ ହିସାବରେ ଜମା କରିବେ ଯାହାର ପରିମାଣ ( Minimum Guaranteed Quantity) x(Royalty + Offered Additional Charges specified in the notice) ର ଶତକଡ଼ା 5 % ରହିବ । ଉକ୍ତ ବ୍ୟାଙ୍କ ଡ୍ରାଫ୍ଟ ତହସିଲଦାର, ଦିଗପହଣ୍ଡି ଙ୍କ ନାମରେ କରିବା ବାଞ୍ଛନୀୟ । ନଚେତ୍ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

୭. ଦରଖାସ୍ତ କରୀ ବର୍ଷର ଆୟକର ଦାଖଲ (Income Tax Filling) ବିବରଣୀର ନକଲ ଓ GST Certificate ର ନକଲ ଦାଖଲ କରିବେ।

୮. ଦରଖାସ୍ତକାରୀ କୌଣସି ସୈରାତ ଉସ୍ ନିମନ୍ତେ ଆବେଦନ କରିବା ପୂର୍ବରୁ ଉକ୍ତ ଉସ୍କୁ ପରିଦର୍ଶନ କରିଥିବାର ଏକ ସ୍ୱ ଘୋଷିତ ଲିଖିତନାମା (Self-Declaration) ଦାଖଲ କରିବେ ।

Satna
17.11.22

୯· ଦରଖାସ୍ତକାରୀ ସୈରାତ ଉତ୍ସର Mining Plan EC Preparation & Sairat Advertising Cost ର ସମସ୍ତ ଖର୍ଚ୍ଚ ବାବଦ ମୂଲ୍ୟ ଦେବା ନେଇ ଏକ ସତ୍ୟପାଠ ଦାଖଲ କରିବେ ।

୧୦· ଦରଖାସ୍ତକାରୀ ଲଫାପାର ଉପରି ଭାଗରେ ବଡ଼ ଅକ୍ଷରରେ କେଉଁ ସୈରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକାରୀଙ୍କ ନାମ,ଠିକଣା ଓ ଫୋନ ନଂ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ।

ଉପରୋକ୍ତ କାଗଜାତ ସହ ଦରଖାସ୍ତ କୁ ଜଉମୁଦ ଲଫାପାରେ Regd post/speed post ଯୋଗେ ନିମ୍ନ ଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦ ଦିଆ ଟେଣ୍ଡର ବାକ୍ସରେ ତା 18.11.2022 ରିଖ ଠାରୁ ତା 17.12.2022 ରିଖ ମଧ୍ୟରେ 5.30 PM ସୁଧା ଯେ କୌଣସି ସରକାରୀ କାର୍ଯ୍ୟ ଦିବସ ନିର୍ଘଣ୍ଟ ପରିଧି ମଧ୍ୟରେ ପକାଇବା ଆବଶ୍ୟକ । ତା 19.12.2022 ରିଖ 11.00 A.M ସମୟରେ ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ଠାରେ ଆବେଦନ କରାଯାଇ ଥିବା ଦରଖାସ୍ତ ଗୁଡ଼ିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ଵାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ବାକ୍ସ ଖୋଲାଯାଇ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡ଼ିକୁ ତନଖି କରାଯିବ ଏବଂ OMMC-Rule-2016 ଅନୁଯାୟୀ ସମସ୍ତ ସର୍ତ୍ତାବଳୀକୁ ପୂରଣ କରୁଥିବା ଦରଖାସ୍ତ ଗୁଡ଼ିକୁ ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବୋଚ୍ଚ ଦର ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରିଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡ଼ିକୁ ବାତିଲ କରିଦିଆଯିବ।

ଯଦି କୌଣସି ସୈରାତ ଉତ୍ସ ଉପରୋକ୍ତ ଦିବସରେ ନିଲାମ ନ ହୋଇ ପାରେ ତେବେ ତାହା ତା 26.12.2022 ରିଖ 5.30 P.M ପର୍ଯ୍ୟନ୍ତ ପୂନର୍ବାର Registered post/speed post ଟେଣ୍ଡର ବକ୍ସ ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ତା 27.12.2022 ରିଖ 11.00P.M ସମୟରେ ଦିଗପହଣ୍ଡି କାର୍ଯ୍ୟଳୟ ଠାରେ ଆବେଦନ କରାଯାଇ ଥିବା ଦରଖାସ୍ତ ଗୁଡ଼ିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ଵାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯାଇ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡ଼ିକୁ ତନଖି କରାଯିବ।

ସେହିପରି ଯଦି କୌଣସି ସୈରାତ ଉତ୍ସ ଉପରୋକ୍ତ ଦିବସରେ ପୂର୍ନବାର ନିଲାମ ନ ହୋଇ ପାରେ ତେବେ ତାହା ତା 02.01.2023 ରିଖ 5.30P.M ପର୍ଯ୍ୟନ୍ତ ପୂନର୍ବାର Registered post/speed post ଟେଣ୍ଡର ବକ୍ସ ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ତା 03.01.2023 ରିଖ 11.00 AM ସମୟରେ ଦିଗପହଣ୍ଡି କାର୍ଯ୍ୟଳୟ ଠାରେ ଆବେଦନ କରାଯାଇ ଥିବା ଦରଖାସ୍ତ ଗୁଡ଼ିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ଵାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯାଇ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡ଼ିକୁ ତନଖି କରାଯିବ।

ଠିକଣା
ତହସିଲଦାର,ଦିଗପହଣ୍ଡି
ସା/ପୋ - ଦିଗପହଣ୍ଡି
ଜି – ଗଞ୍ଜାମ,ପିନ – 761012

17.11.22
ତହସିଲଦାର,ଦିଗପହଣ୍ଡି

## ସର୍ତ୍ତାବଳୀ

1. ଆବେଦନକାରୀ ମାନେ OMMC-rule -2016 ଏବଂ ଏହାର Amendments Rule ର ପରିସର ଭୂକ୍ତ ରହିବେ ।

2. ଆବେଦନକାରୀ ଲିଜ ପାଇଁ ଉର୍ଦ୍ଧ୍ୱଷ୍ଟ ନିଲାମରେ ଭାଗ ନେବା ପୂର୍ବରୁ ସୈରାତ ଉତ୍ସଗୁଡ଼ିକ ପରିଦର୍ଶନ କରି ସୈରାତ ପରିଚ଼ାଳନା ପାଇଁ ଗମନା ଗମନ ସୁବିଧା ଗଚ୍ଛିତ ଥିବା ଅନ୍ୟାନ ଆନୁସାଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଏହି ଲିଜ ଉର୍ଦ୍ଧ୍ୱଷ୍ଟ ନିଲାମରେ ଅଂଶ ଗ୍ରହଣ କରିବେ । ଲିଜ ପରେ ସୈରାତ ଚ଼ଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ । ଏବଂ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ। ଲିଜ ଦିଆଯାଇ ଥିବା ଧାର୍ଯ୍ୟ ସମୟ ମଧ୍ୟରେ କୈଣସି ପ୍ରକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

3. ଲିଜଧାରୀ Mining Plan, EC ଏବଂ Advertising ର ମୂଲ୍ୟ ଦାଖଲ କରିବେ ନଚେତ ଲିଜ ବାତିଲ କରାଯିବ । ସର୍ବୋଚ ନିଲାମ ଧାରୀ ସୈରାତ ଉତ୍ସ ପିରଚ଼ାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to operate) ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ ( odisha pollution control Board) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।

୪. ବାଲି/ପଥର /ମୋର୍ରୁମ ସୈରାତ ଉତ୍ସ ପାଇଁ ଘନ ମିଟର (per cubic Meter) ପ୍ରତି ସର୍ବନିମ୍ନ ସରକାରୀ ରୟାଲିଟି ମୂଲ୍ୟ ଏବଂ ସର୍ବନିମ୍ନ ଅତିରିକ୍ତ ଦେୟ (Additional charge ) ର ମୂଲ୍ୟ ଉତ୍ସ ବିବରଣୀ ମୁତାବକ ଧାର୍ଯ୍ୟ କରାଯାଇଛି ।

୫. ସରକାରୀ ଭାବେ ଘନ ମିଟର ପ୍ରତି ଧାର୍ଯ୍ୟ ସର୍ବନିମ୍ନ ଅତିରିକ୍ତ ଦେୟ (Minimum Additional charge) ଏବଂ Royalty ର ଦର ଠାରୁ କମ୍ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ଦଲିଲ ସଲଗ୍ନ ନ କରିଥିବା ଦରଖାସ୍ତକାରୀଙ୍କ ଦରଖାସ୍ତ ଖାରଜ କରି ଦିଆଯିବ ।

6. ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସୈରାତ ଉତ୍ସ ନିମନ୍ତେ ସମାନ ରୟାଲିଟି ଏବଂ Additional charge ମୂଲ୍ୟର ଦର୍ଶାଇଥାନ୍ତି ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ବିବେଚିତ କରାଯିବ ।

7. ଯଦି କୌଣସି ଉତ୍ସ ନିମନ୍ତେ କେବଳ ଗୋଟିଏ ମାତ୍ର ଦରଖାସ୍ତ ଗ୍ରହଣ ହୋଇଥିବ ତେବେ ସେହି ଉତ୍ସ ପାଇଁ ନିଲାମ କରାଯିବ ନାହିଁ ।

8. ଚୟନ କରାଯାଇଥିବା ନିଲାମ ଧାରୀଙ୍କ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ Form-F ମାଧ୍ୟମରେ ଚୟନ ସମ୍ବନ୍ଧୀୟ ତଥ୍ୟ ଏବଂ ସୈରାତ ଉତ୍ସ ପରିଚ଼ାଳନା ନମନ୍ତେ ଆବଶ୍ୟକୀୟ ସର୍ତ୍ତାବଳୀ ଯୋଗାଇ ଦିଆଯିବ । ଏହି Form-F ପାଇବାର 15 ଦିନ ମଧ୍ୟରେ ଚୟନ ହୋଇ ଥିବା ନିଲାମ ନେବା ନେଇ ସ୍ୱୀକୃତି ପ୍ରଦାନ କରିବେ । ଏବଂ ବାର୍ଷିକ ଦେୟ ( Minimum Guaranteed Quantity) x(Royalty + Offered Additional Charges District Mineral Foundation ) ର ଏକ ଚତୁର୍ଥାଂଶ Earnest Money କୁ ବାଦ ଦେଇ ବଳକା ରାଶିର ପରିମାଣ ଜମା କରିବେ ଏବଂ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା Earnest Money କୁ ସୁଧ ରହିତ ଅମାନତ ରାଶି (Security Deposit) ଭାବରେ ରଖାଯିବ । ଅମାନତ ରାଶିର ପରିମାଣ ଲିଜ ଫାଇନାଲ ହେବା ପରେ ସ୍ଥିର କରାଯିବ । ଯଦି ମନୋନିତ ବ୍ୟକ୍ତି 15 ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ଏବଂ ଅମାନତ ରାଶି ପୈଠ ନକରନ୍ତି ତେବେ ଦ୍ୱିତୀୟ ସର୍ବାଧିକ ନିଲାମ ଧାରୀଙ୍କୁ ସୁଯୋଗ ଦିଆଯିବ ଏବଂ ନିଲାମ ଧାରୀଙ୍କ Earnest Money କୁ ବାଜ୍ୟାପ୍ତି କରାଯିବ । ନିଲାମ ଧାରୀଙ୍କ ସ୍ୱୀକୃତି ପରେ ନଲାମ ପ୍ରକିୟାରେ ଅଂଶ ଗ୍ରଦଣ କରି ଅଯୋଗ୍ୟ ବିବେଚ଼ିତ ହୋଇଥିବୀ ଆବେଦନକାରୀଙ୍କ Earnest Money କୁ ଫେରସ୍ତ କରାଯିବ ।

Satna
17.11.22

9. ନିଲାମଧାରୀ ସମସ୍ତ (Clearance) ଦେୟ ଜମା କରିବାପରେ Form-N ରେ ଚୁକ୍ତି ପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାର ରେଜଷ୍ଟ୍ରି( Registration Act 1908 & stamp Act 1890 &1899 ଅନୁଯାୟୀ ) ସମ୍ପାଦନ କରିବେ ।

10. OMMC-rule -2016 ନିୟମବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୈଠ ହୋଇଥିବା ଜମାରାଶି ବ୍ୟାଜାପ୍ତ କରିବାର କ୍ଷମତା କ୍ଷମତାପାପ୍ତଅଧିକାରୀଙ୍କର ।

11. ଲିଜଧାରୀ ସୈରାତ ଉତ୍ସ ସମ୍ବନ୍ଧୀୟ ସମସ୍ତ ଦେୟ ଯଥା Additional charge, Dead Rent, Surface Rent,DMF,EMF ଓ ଅନ୍ୟାନ ଦେୟର OMMC-rule -2016 ଅନୁଯାୟୀକ୍ଷମତା ପ୍ରାପ୍ତ ଅଧିକାରୀଙ୍କ ନିକଟରେ ପୈଠ କରିବେ ଏବଂ ଏ ସମସ୍ତ ଦେୟର 2% ଆୟକର (TCS) ବାବଦକୁ ଜମା କରିବେ।

12. ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ବାଡ଼ ଦେଇ ଚିହ୍ନଟ କରିବେ ଏବଂ ତାହା ସାମ୍ନାରେ ଫଳକ ଏବଂ ଆବଶ୍ୟକ ବ୍ୟବସ୍ଥା କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ। ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ସମସ୍ତ ଖର୍ଚ୍ଚ ଲିଜଧାରୀ ବହନ କରିବେ।

13. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ। କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ପାଇବା ପ୍ରର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସକୁ କାର୍ଯ୍ୟକ୍ଷମ କରି ପାରିବେ ନାହିଁ ।

14. ଲିଜ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଓ ଅନ୍ୟାନ୍ୟ କାଗଜାତ ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ପାଇ ପାରିବେ । ଏହି ଇସ୍ତାହାର ର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ସରକାରୀ ୱେବ ସାଇଟ୍ www.ganjam.nic.in ରେ ଦେଖିପାରିବେ ।

15. କ୍ଷମତାପ୍ରାପ୍ତ ଅଧିକାରୀ ଲିଜ ଅବଧି ମଧ୍ୟରେ ଯେ କୌଣସି ସମୟରେ ସର୍ବନିମ୍ନ ଧାର୍ଯ୍ୟ ଉତ୍ତଳନ ପରିମାଣ (MGQ) ଏବଂ ଅତିରିକ୍ତ ଦେୟ (Additional charge) ସଂଶୋଧନ କରିପାରିବେ ।

16. ନିଲାମ ଦରଖାସ୍ତକାରୀ ମାନେ ଓଡ଼ିଶାଲଘୁ ଖଣିଜ ନିୟମ 2016 (OMMC-rule -2016) ଏବଂ ତଦ୍ ସଲଗ୍ନ ସମସ୍ତ ସରକାରୀ ଓ ଅଦାଲଦ ଆଦେଶ ମାନିବାକୁ ବାଧ୍ୟ ହେବେ ।

17. ଲିଜଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟରରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉ ଥିବା ରଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ଲଘୁ ଖଣିଜ ଉତ୍ତୋଳନ ଏବଂ ପରିବହନ ତ୍ରୟ ମାସିକ ହିସାବ ଏହି କାର୍ଯ୍ୟାଳୟରେ ଦାଖଲ କରିବେ।

18. ଯଦି ଉକ୍ତ ନିଲାମ ଇସ୍ତାହାର ରେ କୌଣସି ତ୍ରୁଟି ପରିଲିକ୍ଷିତ ହୁଏ ତେବେ ସଂଶୋଧନ କରିବାର ଅଧିକାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ରହିଅଛି ଏବଂ କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ ବାତିଲ ବା ସ୍ଥଗିତ କରି ପାରିବେ।

19. ଲିଜ ଅବଧି ମଧ୍ୟରେ ଲିଜଧାରୀ ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀର ଉଲଘଂନ କଲେ ତାଙ୍କ ଲିଜ ରଦ୍ଦ କରିବା ସଙ୍ଗେ ସଙ୍ଗେ ଜମା ରାଶିକୁ ବାଜ୍ୟାପ୍ତ କରାଯିବ।

20. ଲିଜଧାରୀ Mines Act-1952 ଏବଂ Explosive Act-198 ର ସମସ୍ତ ନିୟମ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ।

Satna
17.11.22
ତହସିଲଦାର,ଦିଗପହଣ୍ଡି

ପତ୍ର ସଂଖ୍ୟା ୬୫୦୭ ତା 17-11-2022

ଏହାର ଏକକିତା ନକଲ ଜିଲ୍ଲାପାଳ ଗଞ୍ଜାମ / ଉପ ଜିଲ୍ଲାପାଳ ବ୍ରହ୍ମପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

17.11.22
ତହସିଲଦାର,ଦିଗପହଣ୍ଡି

ପତ୍ର ସଂଖ୍ୟା ୬୫୦୮ ତା 17-11-2022

ଏହାର ଏକକିତା ନକଲ NIC Ganjam ଙ୍କ ଅବଗତି ତଥା ଗଞ୍ଜାମ ଜିଲ୍ଲା Web Site ରେ ଉପଲବ୍ଧ କରିବା ନିମନ୍ତେ ପ୍ରେରଣ କରାଗଲା ।

17.11.22
ତହସିଲଦାର,ଦିଗପହଣ୍ଡି

ପତ୍ର ସଂଖ୍ୟା ୬୫୦୯ ତା 17-11-2022

ଏହାର ଏକକିତା ନକଲ ଭାରପ୍ରାପ୍ତ ଅଧିକାରୀ ଦିଗପହଣ୍ଡି ପୋଲିସ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

17.11.22
ତହସିଲଦାର,ଦିଗପହଣ୍ଡି

ପତ୍ର ସଂଖ୍ୟା ୬୫୧୦ ତା 17-11-2022

ଏହାର ଏକକିତା ନକଲ ବି.ଡ଼ି.ଓ ଦିଗପହଣ୍ଡି ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

17.11.22
ତହସିଲଦାର,ଦିଗପହଣ୍ଡି

ପତ୍ର ସଂଖ୍ୟା ୬୫୧୧ ତା 17.11.2022

ଏହାର ଏକକିତା ନକଲ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ନୋଟିସ ବୋର୍ଡ଼ / ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ଼ / ସମସ୍ତ ରାଜସ୍ୱ ନିରୀକ୍ଷକ ନୋଟିସ ବୋର୍ଡ଼ ଉକ୍ତ ଗୁଡ଼ିକ ଥିବା ସଂପୃକ୍ତ ଗ୍ରାମରେ ଜନସାଧାରଣଙ୍କ ଅବଗତି ଏବଂ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

17.11.22
ତହସିଲଦାର,ଦିଗପହଣ୍ଡି